# ପିଲାଙ୍କ ଧରିତ୍ରୀ

ଶନିବାର, ୨୮ ଅକ୍ଟୋବର, ୨୦୨୩



# ଖୁଲି ଖୁଲି ହସ

(ଶିକ୍ଷକ ଓ ରାଜୁ ମଧ୍ୟରେ କଥାବାର୍ତ୍ତା...)
ଶିକ୍ଷକ-ତୁ କାଲି କାହିଁକି ସ୍କୁଲ ଆସି ନ ଥିଲୁ ଭୀମା ?
ରାଜୁ-ସାର୍ ! ମୁଁ କାଲି ପଡ଼ିଗଲି ଆଉ ଲାଗିଗଲା ।
ଶିକ୍ଷକ- ଆରେ କୋଉଠି ପଡ଼ିଲୁ, ଆଉ କ'ଣ ଲାଗିଲା ?
ରାଜୁ- ସାର୍ ! ମୁଁ ବିଛଣାରେ ପଡ଼ିଗଲି ଆଉ ମୋ ଆଖି ଲାଗିଗଲା ।

(ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା)
ପ୍ରଥମସାଙ୍ଗ-ଆରେ ତୋ'ର ଆଜି ଗଣିତ ରେଜଲ୍ଟ ବାହାରିଛି ?
ଦ୍ୱିତୀୟସାଙ୍ଗ- ହଁ ଭାଇ ।
ପ୍ରଥମସାଙ୍ଗ- କେତେ ରଖିଛୁ ?
ଦ୍ୱିତୀୟସାଙ୍ଗ(ମନ ଦୁଃଖରେ)-୭ । ହେଲେ, ତୁ ଆମ ଘରେ କାହାକୁ କହିବୁନି ।
ପ୍ରଥମସାଙ୍ଗ-ହଉ । କିନ୍ତୁ, ତୁ ଶୁଣୁ...ଗୋଟେ କାମ କର । ସେ ୭ରେ ଆଉ ଗୋଟେ ୭ ଲେଖିଦେ, ଘରେ କେହି ଜାଣି ପାରିବେନି, ତୋର ୭୭ ହୋଇଯିବ ।
ଦ୍ୱିତୀୟସାଙ୍ଗ (ବହୁ ଭାବିଲା ପରେ...)- ହଁ ଠିକ୍ କହିଛୁ ଯେ, ହେଲେ ସେଇ ୭ଟା ପୂର୍ବ ୭ର କୋଉ ପଟେ ଲେଖିବି ? ବାମ ପଟେ ନା ଡାହାଣ ପଟେ ?

# ଶ୍ରେଷ୍ଠ କିଏ ?



## ଗପ

ସାନ୍ଭି, ସାହିରା ଓ ନୀଳିପ୍ତ, ତିନି ସାଙ୍ଗ । ତିନି ଜଣ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ସାନ୍ଭି ଭଲ ନାଚ କରେ । ସାହିରା ଭଲ ସନ୍ତରଣ କରେ । ଆଉ ନୀଳିପ୍ତ ଭଲ ପାଠ ପଢ଼େ । ନିଜ ନିଜ ଗୁଣ ଓ ସାମର୍ଥ୍ୟ ପାଇଁ ତିନି ଜଣ ସାଙ୍ଗ ସ୍କୁଲରେ ବେଶ୍ ପରିଚିତ । ଥରେ, ତିନି ସାଙ୍ଗ ମଧ୍ୟରେ ଝଗଡ଼ା ହେଲା । ଝଗଡ଼ାର କାରଣ ଥିଲା- କିଏ ଶ୍ରେଷ୍ଠ ? ପରସ୍ପର ନିଜେ ନିଜକୁ ଶ୍ରେଷ୍ଠ ବୋଲି ଦାବି କଲେ । ପ୍ରକୃତରେ ଶ୍ରେଷ୍ଠ କିଏ, ତା'ର ଠିକ୍ ଉତ୍ତର ଖୋଜିବା ପାଇଁ ସେମାନେ ଶିକ୍ଷକଙ୍କ ପାଖକୁ ଗଲେ । ସବୁ କଥା ଶୁଣିବା ପରେ ଶିକ୍ଷକ କହିଲେ- ତୁମ ଭିତରୁ ଶ୍ରେଷ୍ଠ କିଏ ଜାଣିବା ପାଇଁ ତୁମମାନଙ୍କୁ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ ।

କିଛିଦିନ ପରେ ସ୍କୁଲର ପିଲାମାନେ ବଣଭୋଜି କରିବାକୁ ବାହାରିଲେ । ସାନ୍ଭି, ସାହିରା ଓ ନୀଳିପ୍ତ ମଧ୍ୟ ଏହି ବଣଭୋଜିରେ ଗଲେ । ଶିକ୍ଷକ ପ୍ରଥମେ ସାନ୍ଭିକୁ ପାଖକୁ ଡାକି ପାଖରେ ଥିବା ଆଖୁ ବାଡ଼ିକୁ ନେଇଗଲେ । ବାଡ଼ିରୁ ଆଖୁ ଖଣ୍ଡେ ଆଣି ସାନ୍ଭିକୁ ଦେଲେ । ଆଖୁ ବହୁତ ମିଠା ଥିଲା । ଖୁସିରେ ସାନ୍ଭି ଖାଇଲା । ଆଖୁ ଖାଇବା ପରେ ଶିକ୍ଷକ ପଚାରିଲେ- ଆଖୁ ଯଦି ଏତେ ମିଠା । ଆଖୁର ଫଳ ତ' ଆହୁରି ମିଠା ହୋଇଥିବ ! ଏକଥା ମନକୁ ଆସିଥିଲା କି? ସାନ୍ଭି ଉତ୍ତରରେ କହିଲା- ସାର୍, ଆଖୁ ଗଛରେ ଫଳ ଆସେନି । ଯାହା ନାହିଁ ତା' ବିଷୟରେ ଭାବି ଆଖୁର ମଜା କାହିଁକି ନଷ୍ଟ କରିବି । ଶିକ୍ଷକ କହିଲେ- ବାସ୍, ତୁମେ ନାଚ ଭଲ କର । ତୁମଠାରୁ ସମସ୍ତେ ଭଲ ନାଚ ଆଶା କରନ୍ତି । ସାନ୍ଭି, ଭଲ ସନ୍ତରଣ କରେ ନା' ନାହିଁ ସେ ବିଷୟରେ ଚିନ୍ତା କରିବା ଜରୁରୀ କି? ସାନ୍ଭି ବୁଝିପାରିଲା, ସାର୍ କ'ଣ କହିବାକୁ ଚାହୁଁଛନ୍ତି ।

ଏହା ପରେ ସାହିରାକୁ ସାର୍ ଏକ ଚନ୍ଦନ ଗଛ ପାଖକୁ ଡାକି ନେଲେ । ସାର୍ କହିଲେ- ସାହିରା ଏହା ଚନ୍ଦନ ଗଛ । ଗଛରୁ କେତେ ବାସ୍ନା ଆସୁଛି ଅନୁଭବ କର ? ଏହି ଗଛରେ ଫୁଲ ଫୁଟେନି । ସାହିରା କହିଲା- ଯେଉଁ ଗଛରୁ ଏତେ ଭଲ ବାସ୍ନା ଆସୁଛି, ସେହି ଗଛରେ ଫୁଲର ଆଉ ଆବଶ୍ୟକତା କ'ଣ ? ସାର୍ କହିଲେ, ଏବେ ତୁମେ କୁହ- ଚନ୍ଦନ ଗଛରେ ଫୁଲ ନାହିଁ ବୋଲି ଦୁଃଖ କରିବ ନା' ଗଛରୁ ବାସ୍ନା ଆସୁଛି ବୋଲି ଖୁସି ହେବ । ତୁମେ ସନ୍ତରଣରେ ଶ୍ରେଷ୍ଠ ବୋଲି ଖୁସି ହେବ ନା' ନାଚରେ ଆଉ କିଏ ଶ୍ରେଷ୍ଠ ବୋଲି ଦୁଃଖୀ ହେବ । ସାର୍‌ଙ୍କ କଥାର ମର୍ମ ବୁଝିପାରିଲା ସାହିରା ।

ଏହାପରେ ନୀଳିପ୍ତକୁ ଡାକି ଦୂରରେ ଦେଖା ଯାଉଥିବା ପଳାଶ ଗଛକୁ ଦେଖାଇଲେ ସାର୍ । ଲାଲ୍ ରଙ୍ଗରେ ଅତି ସୁନ୍ଦର ଦେଖାଯାଉଥିଲା ପଳାଶ ଫୁଲ । ନୀଳିପ୍ତକୁ ଗଛ ପାଖକୁ ନେଇଗଲେ । କହିଲେ- ପଳାଶ ଫୁଲ ଦେଖିବାକୁ ସିନା ସୁନ୍ଦର, ହେଲେ ଅନ୍ୟ ଫୁଲ ଭଳି ବାସ୍ନା ନାହିଁ । ନୀଳିପ୍ତ କହିଲା- ସାର୍, ବାସ୍ନା ସିନା ନାହିଁ ଦେଖିବାକୁ ବହୁତ ସୁନ୍ଦର । ଯାହା ନାହିଁ ତାକୁ ନେଇ କାହିଁକି ବିବ୍ରତ ହେବ ପଳାଶ ଗଛ । ଆଚ୍ଛା, ତୁମେ ଭଲ ନାଚ କିମ୍ବା ସନ୍ତରଣ କରିପାରୁନ ବୋଲି ଦୁଃଖୀ ହେବ ନା ଭଲ ପାଠ ପଢୁଥିବାରୁ ଖୁସି ହେବ ? ତୁମକୁ ଶ୍ରେଷ୍ଠ ବୋଲି ବିଚାର କରାଯିବ ନା ନାହିଁ ? ସାର୍, କେଉଁ ଉଦ୍ଦେଶ୍ୟରେ ପ୍ରଶ୍ନ ପଚାରିଥିଲେ, ନୀଳିପ୍ତ ବୁଝିପାରିଲା । ଆଉ ଚୁପ୍ ରହିଲା ।

ଏବେ ସମସ୍ତଙ୍କୁ ଏକାଠି ଡାକି ସାର୍, ପଚାରିଲେ- ଫୁଲ ନ ଥିବା ଚନ୍ଦନ ଗଛ ଶ୍ରେଷ୍ଠ ନା ଫୁଲ ଥାଇ ବାସ୍ନା ନ ଥିବା ପଳାଶ ଗଛ ଶ୍ରେଷ୍ଠ ? ବାସ୍ନା ଥିବା ଚନ୍ଦନ ଗଛ ଶ୍ରେଷ୍ଠ ନା ବାସ୍ନା ନ ଥିବା ପଳାଶ ଫୁଲ ଶ୍ରେଷ୍ଠ ? ମିଠା ଫଳ ଦେଉଥିବା ସେଓ ଗଛ ଶ୍ରେଷ୍ଠ ନା ଫଳ ନ ଥିବା ଆଖୁ ଗଛ ଶ୍ରେଷ୍ଠ । ତିନି ଜଣ ସାଙ୍ଗ ଏକ ସ୍ୱରରେ କହିଲେ- ଯାହା ସ୍ଥାନରେ ଯିଏ ଶ୍ରେଷ୍ଠ । ସେଇ ଦିନଠୁ ଶ୍ରେଷ୍ଠ କିଏ, ବିବାଦ ଦୂର ହୋଇଗଲା ।

– ପ୍ରତ୍ୟୁଷ କୁମାର ସା
ଗ୍ୟାରେଜ୍ ଛକ, ଭୁବନେଶ୍ୱର
ମୋ: ୯୪୩୭୩୬୬୯୮୪


ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଗୀତ ଶୁଣିଲେ ଶୀଘ୍ର ବଢ଼ନ୍ତି



ସୁମଧୁର ସଙ୍ଗୀତ ଶୁଣିବାକୁ ସମସ୍ତଙ୍କୁ ଭଲ ଲାଗେ । ଏମିତି କି ଗଛକୁ ବି ଭଲ ଲାଗେ । ସେଥିପାଇଁ ଗୀତ ଶୁଣିଲେ ଗଛସବୁ ଖୁସି ହୋଇଯାନ୍ତି ଓ ଶୀଘ୍ର ବଢ଼ନ୍ତି । ଯେମିତି କର୍କଶ ସ୍ୱର ଶୁଣିବା ପାଇଁ ସମସ୍ତଙ୍କୁ ଭଲ ଲାଗେନି ସେମିତି ଗଛକୁ ବି ଭଲ ଲାଗେନି । ତେଣୁ କର୍କଶ ସଙ୍ଗୀତ ଶୁଣିଲେ ଗଛ ବି ଶୀଘ୍ର ବଢ଼ିପାରେ ନାହିଁ । ଗଛକୁ ନେଇ ହୋଇଥିବା ବିଭିନ୍ନ ପ୍ରକାରର ରିସର୍ଚ୍ଚରୁ ଏହା ଜଣାପଡ଼ିଛି । ରିସର୍ଚ୍ଚ ଅନୁସାରେ ଆପଣ ଯଦି ଗଛର ବୃଦ୍ଧି ଚାହୁଁଛନ୍ତି ତେବେ କ୍ଲାସିକାଲ୍ ମ୍ୟୁଜିକ୍ ଶୁଣିବାକୁ ଦିଅନ୍ତୁ । ଏହି ମ୍ୟୁଜିକ୍ ଧୀର ମଧୁର । ଏହା ସମସ୍ତଙ୍କୁ ଶୁଣିବାକୁ ଯେମିତି ଭଲ ଲାଗେ ଠିକ୍ ସେମିତି ଗଛକୁ ବି ଭଲ ଲାଗେ । ୧୯୬୨ ମସିହାରେ ଆମ ଦେଶର ଅନ୍ନାମଲାଇ ୟୁନିଭର୍ସିଟି ଗଛର ବୃଦ୍ଧିକୁ ନେଇ ଏକ ରିସର୍ଚ୍ଚ କରିବା ପରେ ଏହି ମତ ଦେଇଥିଲା କି ସଙ୍ଗୀତ ଶୁଣିବା ଫଳରେ ଗଛ ସବୁ ଶୀଘ୍ର ବଡ଼ ହୋଇଥାନ୍ତି । ୟୁନିଭର୍ସିଟି ଅଫ୍ ମେଲବର୍ଣ୍ଣର ରିସର୍ଚ୍ଚ ଅନୁସାରେ ଗଛ ପାଇଁ ସଙ୍ଗୀତ ଏନର୍ଜୀ ଭଳି କାମ ଦେଇଥାଏ । ୨୦୧୭ରେ ଅଷ୍ଟ୍ରେଲିଆ ୟୁନିଭର୍ସିଟି ମଧ୍ୟ ଏହି ସମାନ ମତ ଦେଇଥିଲା ।

## ରଙ୍ଗ ଦିଅ



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ । ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ ।

**ଆମ ଠିକଣା**
dharitrifeature@gmail.com

## ମତାମତ

▶▶ ଜଣାଅଜଣାରେ ଅଜବ ଦେଶ ଏବଂ ସାପଚାଷ କେଉଁ ଦେଶରେ ହୁଏ ସେ ବିଷୟରେ ଜାଣିବାକୁ ପାଇଲି ।

**–ମହେଶ୍ୱର ସାହୁ ,ଅନୁଗୋଳ**

▶▶ କବିତାରେ ମା'ଙ୍କ ଉପରେ ପ୍ରକାଶିତ ସମସ୍ତ କବିତା ମନକୁ ଛୁଇଁଲା ଭଳି ହୋଇଥିଲା ।

**–ତପସ୍ୱିନୀ ରାଉତ, କେନ୍ଦ୍ରାପଡା**

▶▶ ତୁମତୂଳୀରେ ପ୍ରକାଶିତ ଚିତ୍ରଗୁଡିକ ବହୁତ ସୁନ୍ଦର ଲାଗିଲା ।

**–ଓମ୍ ପ୍ରକାଶ ମହାନ୍ତି, ନୟାଗଡ**

▶▶ କେମିତି ପାଳିବେ ଦଶହରାରେ ପିଲାମାନେ ଏହି ଦଶହରାରେ କ'ଣ ସବୁ ପ୍ଲାନିଂ କରିଥିଲେ ତାହା ଜାଣିବାକୁ ପାଇଲି ।

**–ଦେବସ୍ମିତା ସ୍ୱାଇଁ, ସମ୍ବଲପୁର**



# ପ୍ରାର୍ଥନା

**ପ୍ରାର୍ଥନା! କେବେ ହୃଦୟର ଆକୁଳ ନିବେଦନ ତ କେବେ ପୁଣି କୃତଜ୍ଞତା ଜଣାଇବାର ମାଧ୍ୟମ। ତେବେ ଜୀବନ ଗଢ଼ିବା ଆଉ ସଫଳତା ନିମନ୍ତେ ବି ଏହାର ଆବଶ୍ୟକତା ରହିଛି। ପିଲାଙ୍କ ଭବିଷ୍ୟତ ଗଢ଼ିବାରେ ଗୁରୁତ୍ୱକୁ ଅନୁଭବ କରି ସ୍କୁଲମାନଙ୍କରେ ପ୍ରତିଦିନ ପ୍ରାର୍ଥନାରୁ ହିଁ ଆରମ୍ଭ ହୋଇଥାଏ ପାଠପଢ଼ା।**

ଶରୀର ଓ ମନର ସ୍ୱାସ୍ଥ୍ୟ ନିମନ୍ତେ ସମସ୍ତଙ୍କ ପାଇଁ ପ୍ରାର୍ଥନାର ଆବଶ୍ୟକତା ରହିଛି। ସେଥିପାଇଁ ତ ଛୋଟବେଳୁ ପିଲାଙ୍କୁ ପ୍ରତିଦିନ ପ୍ରାର୍ଥନା କରିବାକୁ ପରାମର୍ଶ ଦିଆଯାଇଥାଏ। ଜୀବନରେ ଏହାକୁ ଏକ ଅଭ୍ୟାସରେ ପରିଣତ କରିବା ନିମନ୍ତେ ସ୍କୁଲମାନଙ୍କରେ ବି ପ୍ରତିଦିନ ପ୍ରାର୍ଥନାରୁ ହିଁ ଆରମ୍ଭ ହୁଏ ଶିକ୍ଷାର ଆରମ୍ଭ। ଯେଉଁ ଧର୍ମର ହୋଇଥିଲେ ବି ସମସ୍ତଙ୍କୁ ପ୍ରାର୍ଥନା କରିବାର ନିୟମରେ ବନ୍ଧା ଯାଇଥାଏ। ତେବେ ସିଧାସଳଖ ଜଣା ପଡୁ ନ ଥିଲେ ବି ଜୀବନରେ ଏହାର ଯେ ଅନେକ ଗୁରୁତ୍ୱ ରହିଛି ଏକଥା ଅସ୍ୱୀକାର କରିହେବନି।

## ଏକାଗ୍ରତା ବୃଦ୍ଧି

ସକାଳୁ ଉଠିବା ମାତ୍ରେ, ଖାଇବା ପୂର୍ବରୁ, ଶୋଇବା ପୂର୍ବରୁ, ସ୍କୁଲରେ ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ଏମିତି ଅନେକ ସମୟରେ ପ୍ରାର୍ଥନା କରିବାକୁ ଶିକ୍ଷା ମିଳିଥାଏ। ଏପରି କରିବା ଫଳରେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟରେ ମନର ପ୍ରଭାବ ପଡ଼ିଥାଏ। ଏକ ନିର୍ଦ୍ଦିଷ୍ଟ ସମୟରେ କିଛି କାମ କରିବା ଏକପ୍ରକାର ଯୋଗ ସହିତ ସମାନ ହୋଇଥାଏ। ତେଣୁ ଏହା ମନର ଏକାଗ୍ରତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଆଉ ଏକାଗ୍ର ଚିତ୍ତରେ ଯେକୌଣସି କାମ କଲେ ସଫଳତା ନିଶ୍ଚୟ ମିଳିଥାଏ।

## ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ

ପ୍ରାର୍ଥନା ମାଧ୍ୟମରେ ପିଲାମାନେ ଧୀର ଓ ଅନ୍ତର୍ମନରେ ଅନେକ ସମସ୍ୟାକୁ ଉପସ୍ଥାପନ କରିଥାନ୍ତି। ତେଣୁ ଏକ ସ୍ଥିର ମନରେ ସେମାନେ ସମସ୍ୟାକୁ ଅନୁଭବ କରି ସମାଧାନର କିଛି ନା କିଛି ମାର୍ଗ ବାହାର କରିବା ପାଇଁ ସକ୍ଷମ ହୋଇଥାନ୍ତି। ଫଳରେ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ିଥାଏ। ମନ ଉପରେ ନିୟନ୍ତ୍ରଣ ହେତୁ ପ୍ରତିକୂଳ ପରିସ୍ଥିତିରେ ସେମାନେ ବିଚଳିତ ନ ହୋଇ ଧୈର୍ଯ୍ୟ ରଖିବା ଶିଖନ୍ତି।

## ସକାରାତ୍ମକ ଭାବନା

ପ୍ରାର୍ଥନା ମାଧ୍ୟମରେ ମନକୁ ଶାନ୍ତି ମିଳିବା ସହ ଏକ ଭିନ୍ନ ଆନନ୍ଦ ଅନୁଭବ ହୋଇଥାଏ। କାରଣ ଏହି ମାଧ୍ୟମରେ ଅନେକ କିଛି ଭାବକୁ ପ୍ରକାଶ କରିହୁଏ ଓ ବହୁ ସମସ୍ୟା ଦୂର କରିବା ନିମନ୍ତେ ଅନ୍ତରରୁ ଏକ ପ୍ରେରଣା ମିଳିଥାଏ। ତେଣୁ ପ୍ରାର୍ଥନା ପରେ ଏକ ସକାରାତ୍ମକ ଭାବ ସୃଷ୍ଟି ହୁଏ। ସକାରାତ୍ମକ ଭାବରୁ ଦିନ ଆରମ୍ଭ ହେଲେ ପ୍ରତ୍ୟେକ କାମ କରିବା ପାଇଁ ଅଧିକ ଉର୍ଜା ସୃଷ୍ଟି ହୋଇଥାଏ।

## ନମ୍ରତା

ପିଲାଙ୍କ ମନରେ ଏକ ଆଧ୍ୟାତ୍ମିକ ଭାବ ସୃଷ୍ଟି କରେ ପ୍ରାର୍ଥନା। ଏହି ଆଧ୍ୟାତ୍ମିକ ଭାବନା ହିଁ ସେମାନଙ୍କୁ ଶିକ୍ଷକ, ପିତାମାତା ତଥା ଗୁରୁଜନଙ୍କ ପ୍ରତି ସମ୍ମାନ ଦେବା ଶିଖାଇଥାଏ। ଅନ୍ୟ ପ୍ରତି ସ୍ନେହ ସହାନୁଭୂତି ତଥା ପାରିବାରିକ ସମ୍ପର୍କର ଗୁରୁତ୍ୱକୁ ଅନୁଭବ କରାଇଥାଏ। ତେଣୁ ଏସବୁ ଭାବନା ଫଳରେ ସେମାନେ ଧୀରେ ଧୀରେ ନମ୍ର ହୋଇଯାନ୍ତି।

## ସନ୍ତୁଷ୍ଟି

ପ୍ରାର୍ଥନା ମାଧ୍ୟମରେ ଆମେ ଈଶ୍ୱର ବା କୌଣସି ଏକ ଅଦୃଶ୍ୟ ଶକ୍ତିଙ୍କ ନିକଟରେ ନିଜର ପରିସ୍ଥିତି ତଥା ଅସୁବିଧା ସମ୍ପର୍କରେ ନୀରବରେ ଜଣାଇଥାଉ। ଏମିତି କି ଆମ ପାଖରେ କେଉଁ ସବୁ ଜିନିଷ ଅଛି ଏବଂ କ'ଣ ଅସୁବିଧା ରହିଛି ସେସବୁ ମଧ୍ୟ ମନରେ ପ୍ରକାଶ କରିଥାଉ। ତେଣୁ ଆମ ପାଖରେ ଥିବା ପ୍ରତ୍ୟେକ ଜିନିଷ ପାଇଁ ଆମେ ସନ୍ତୁଷ୍ଟ ହେବା ସହ କୃତଜ୍ଞ ହୋଇଥାଉ। ଫଳରେ କଥାବାର୍ତ୍ତା ଓ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ହୋଇଥାଏ। ମନରୁ କ୍ରୋଧ, ହିଂସା, ଘୃଣା କିମ୍ବା ଅବାଞ୍ଛିତ କାମନା ଆଦି ଭାବନା ଦୂର ହୋଇଥାଏ।



## ଭବିଷ୍ୟତ ସୁନ୍ଦର ହୁଏ

ପ୍ରାର୍ଥନାର ଶକ୍ତି ବହୁତ। ପ୍ରାର୍ଥନ ମାଧ୍ୟମରେ ଜଣେ ଅନ୍ତର୍ମନରୁ ଶାନ୍ ଓ ସ୍ଥିର ହୁଏ। ଈଶ୍ୱରଙ୍କ ସହ ସମ୍ପର୍କ ଯୋଡ଼ିହୁଏ। ବଡ଼ କଥା ହେଉଛି ସବୁଦିନ ପ୍ରାର୍ଥନା କରୁଥିବା ପିଲାମାନେ ଏକ ଭିନ୍ନ ଶକ୍ତିର ଅଧିକାରୀ ହୋଇଥାନ୍ତି କୌଣସି ସମୟରେ ସେମାନେ ଅତ୍ୟଧିକ



ଅଧୈର୍ଯ୍ୟ ବା ବିଚଳିତ ହୁଅନ୍ତି ନାହିଁ। ତେଣୁ ସେମାନେ କେବେ ଅବସାଦର ଶିକାର ହୁଅନ୍ତି ନାହିଁ। ନିଜକୁ ଜାଣିବା ଓ ନିଜକୁ ଭଲପାଇବାର ଭାବ ସୃଷ୍ଟି ହୁଏ। ଏକାଗ୍ରତା ବଢ଼େ ଓ ସେମାନଙ୍କର ଆତ୍ମବିଶ୍ୱାସ ଦୃଢ଼ ହୁଏ। ଅଧିକାଂଶ ସମୟରେ ସେମାନେ ଠିକ୍ ନିଷ୍ପତ୍ତି ନେଇପାରନ୍ତି। ତେଣୁ ପିଲାମାନଙ୍କୁ ଛୋଟବେଳରୁ ପ୍ରତିଦିନ ପ୍ରାର୍ଥନା କରିବା ଅଭ୍ୟାସ କରାଇବା ଦରକାର। ଏହି ପ୍ରାର୍ଥନା ହିଁ ସେମାନଙ୍କ ଭବିଷ୍ୟତକୁ ସୁନ୍ଦର କରି ଗଢ଼ି ତୋଳିବ।

**–ଡ. କଳ୍ପନା ସାହୁ**
ଅଧ୍ୟାପିକା, ଏକ୍ସଆଇଏମ ୟୁନିଭର୍ସିଟି, ଭୁବନେଶ୍ୱର

## ଶାନ୍ତି ଲାଗେ



ସବୁଦିନ ପ୍ରାର୍ଥନା କରେ। ସ୍କୁଲ ଆସିବା ପୂର୍ବରୁ ଘରେ ମାମା ସହ ମିଶି ପ୍ରାର୍ଥନା କରେ। କେଉଁ କେଉଁ ପ୍ରାର୍ଥନା କରିବାକୁ ହବ ସେକଥା ଛୋଟବେଳରୁ ଘରେ ଶିଖା ହୋଇଥିଲା। ପ୍ରଥମେ ପ୍ରାର୍ଥନା ବହି ଦେଖି କରୁଥିଲି, ହେଲେ ଏବେ ମନେ ରହିଯାଇଛି। ଗୋଟିଏ ଦିନ ପ୍ରାର୍ଥନା ନ କଲେ ମନରେ ଯେମିତି ଗୋଟେ ଭିନ୍ନ ପ୍ରକାରର ଭୟ ଆସେ। ଆଉ କେତେବେଳେ ପରୀକ୍ଷା ପୂର୍ବରୁ ହେଉ କି ଅନ୍ୟ ସମୟରେ ଯଦି ମନ ବେଶି ଦୁଃଖ ଥାଏ ତା'ହେଲେ ମନ୍ଦିର ଯାଇ ଠାକୁରଙ୍କ ପାଖରେ ନୀରବରେ କିଛି ସମୟ ପ୍ରାର୍ଥନା କଲେ ବହୁତ ଶାନ୍ତି ଲାଗେ।

**– ଶୁଭଶ୍ରୀ ତନୟା,** କ୍ଲାସ– ୭, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

## ସବୁଦିନ ପ୍ରାର୍ଥନା କରେ



ଘରେ ସବୁଦିନ ସନ୍ଧ୍ୟାରେ ସମସ୍ତଙ୍କ ସହ ପ୍ରାର୍ଥନା କରେ। କିନ୍ତୁ ସ୍କୁଲରେ ପ୍ରଥମେ ପ୍ରାର୍ଥନା ହେବା ପରେ ପାଠ ପଢ଼ା ହୁଏ। ଘର ଓ ସ୍କୁଲ ପ୍ରାର୍ଥନା ଅଲଗା ହେଲେ ବି ମୋର ସବୁ ମନେ ଅଛି। ନିର୍ଦ୍ଦିଷ୍ଟ ସମୟରେ ଦୁଇଥର ପ୍ରାର୍ଥନା କରିବା ପରେ ବି ବେଳେବେଳେ ଅନ୍ୟ ସମୟରେ ପ୍ରାର୍ଥନା କରିଥାଏ। ବିଶେଷକରି କ୍ରିକେଟ ଖେଳ ଦେଖିବାବେଳେ ମନେ ମନେ ଠାକୁରଙ୍କ ପାଖରେ ପ୍ରାର୍ଥନା କରୁଥାଏ। ପ୍ରକୃତରେ ପ୍ରାର୍ଥନା କଲେ ମନର ଶକ୍ତି ବଢ଼ିଯାଏ। ତେଣୁ ଭଲ ଲାଗେ।

**–ଅୟସକାନ୍ତ ସାହୁ,** କ୍ଲାସ–୬, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ



୧




୨




୩



୪



୫



୬




୭



୮



**ଆଦିତ୍ୟ ପ୍ରସାଦ ସାହୁ**
କ୍ଲାସ- ୨, କେନ୍ଦ୍ରୀୟ ବିଦ୍ୟାଳୟ, ପୁରୀ
୧



**ରିଆନ୍ସ ପଣ୍ଡା**
କ୍ଲାସ- ୪, ନ୍ୟୁ ହରାଇଜନ୍ ଗୁରୁକୁଳ, ବେଙ୍ଗାଲୁରୁ
୨



**ସୌରଭ ରଞ୍ଜନ କର**
କ୍ଲାସ- ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଲେଜ ଛକ, କଟକ
୩



**ତନିଶା ଓଝା**
କ୍ଲାସ- ୩, ଡିଏଭି ସ୍କୁଲ, ଝାରସୁଗୁଡା
୪



**ଭାଗ୍ୟଶ୍ରୀ ସାହୁ**
କ୍ଲାସ- ୧, କାର୍ମେଲ ଇଂଲିଶ ମିଡିୟମ୍ ସ୍କୁଲ, ଖୋର୍ଦ୍ଧା
୫



**ରାଗିଣୀ ପଟେଲ**
କ୍ଲାସ- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶୋଇବାଗ, ସମ୍ବଲପୁର
୬



**ଦେବସ୍ମିତା ରାଉତ**
କ୍ଲାସ-୫, ମହତାବ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର, ଯାଜପୁର
୭



**ପ୍ରିନ୍ସ ବିଶ୍ୱାସ**
କ୍ଲାସ- ୫, କେନ୍ଦ୍ରୀୟ ବିଦ୍ୟାଳୟ, ଆଇଏନ୍ଏସ୍, ଚିଲିକା
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଆଖି ବନ୍ଦ କରି ଚେସ୍

ଆଖି ବନ୍ଦ କରି ଚେସ୍ ବୋର୍ଡର ସମସ୍ତ ଗୋଟିକୁ ଠିକ୍ ସ୍ଥାନରେ ରଖିବା ଅତ୍ୟନ୍ତ କଷ୍ଟକର। ଅନେକଙ୍କ ପାଇଁ ହୁଏତ ଏହା ଏକ ଅସମ୍ଭବ କାମ। କିନ୍ତୁ ଏଭଳି ଏକ କଷ୍ଟକର କାମକୁ ଖୁବ୍ ସହଜରେ ୧ ମିନିଟ୍ରୁ କମ୍ ସମୟରେ ବି କରିପାରନ୍ତି ଜଣେ ୧୦ ବର୍ଷୀୟା ବାଳିକା। ସେହି ବିସ୍ମୟକର ବାଳିକା ହେଉଛନ୍ତି ମାଲେସିଆର ପୁନିଥାମାଲାର୍ ରାଜଶେଖର। ଆଖିରେ ପଟି ବାନ୍ଧି ସେ ଏଭଳି କାମକୁ ମାତ୍ର ୪୫.୭୨ ସେକେଣ୍ଡରେ କରି ପାରିଛନ୍ତି। ସେଥିପାଇଁ ତାଙ୍କ ନାଁ ଏବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ପୁନିଥାମାଲାର ଆଖିରେ ପଟି ବାନ୍ଧି ଚେସ୍ ବୋର୍ଡର ସମସ୍ତ ଗୋଟିକୁ ଏତେ ଶୀଘ୍ର ସଠିକ୍ ସ୍ଥାନରେ ରଖି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲେ। ତେବେ ଏଥିପାଇଁ ସେ ସବୁଦିନ ଅଭ୍ୟାସ କରୁଥିଲେ। ପ୍ରତିଦିନ ସେ ତାଙ୍କ ବାପାଙ୍କ ସହିତ ଚେସ୍ ଖେଳନ୍ତି। ଏହି ଖେଳଟି ତାଙ୍କର ଭାରି ପସନ୍ଦର ଖେଳ ମଧ୍ୟ। ବହୁଦିନ ଧରି ଏହି ଖେଳରେ ସେ ଯେମିତି ମଜ୍ଜି ରହିଛନ୍ତି। ତେବେ ଏଭଳି ଏକ ରେକର୍ଡ କରିବା ପାଇଁ ସେ ଥରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମରୁ ପ୍ରେରଣା ପାଇଥିଲେ। ଏହାପରେ ତାଙ୍କୁ ତାଙ୍କ ବାପା ହିଁ ରେକର୍ଡ କରିବା ପାଇଁ ଉତ୍ସାହିତ କରିଥିଲେ।

# ଏଥର ର

- କେଉଁ ଖେଳରେ ସମସ୍ତଙ୍କୁ ଧଳା ରଙ୍ଗର ପୋଷାକ ପିନ୍ଧିବାର ନିୟମ ରହିଛି ?
- ଜାପାନର ଜାତୀୟ ଖେଳର ନାମ ?
- ଟେଷ୍ଟ କ୍ରିକେଟ ଖେଳରେ ଭାରତର କେଉଁ ଖେଳାଳିଙ୍କୁ ସବୁଠୁ ସଫଳ କ୍ୟାପଟେନ୍ କୁହାଯାଏ ?
- ବ୍ୟାଡମିଣ୍ଟନ୍ ଖେଳାଳି ସାଇନା ନେହୱାଲଙ୍କ କୋଚ୍ଙ୍କ ନାମ ?
- ପ୍ରଥମ ଯୁବ ଅଲିମ୍ପିକ୍ ଗେମ୍ କେଉଁଠାରେ ହୋଇଥିଲା ?

## ଗତ ଥର ର ଉତ୍ତର

- ବୌଦ୍ଧଧର୍ମ
- ୧୯୫୦ ମସିହା ଜାନୁଆରୀ ୨୬
- ନିଲ୍ ଆର୍ମଷ୍ଟ୍ରଙ୍ଗ୍
- ଆନ୍ଧ୍ରପ୍ରଦେଶ ଓ ଛତିଶଗଡ
- ରାଜା ରାମମୋହନ ରାୟ



## କୁଆଁର ପୁନେଇଁ

ଆଶ୍ୱିନ ମାସରେ କୁଆଁର ପୁନେଇଁ
ଦିନ ଗଜଲକ୍ଷ୍ମୀ ପୂଜା
ଗାଆଁଠୁ ସହର ଯୁଆଡ଼େ ଦେଖିବ
ସବୁଠି ତୋରଣ ସଜ୍ଜା।
ନୂତନ ବସନ କରି ପରିଧାନ
କୁଆଁରୀଙ୍କ ମନ ତୋଷ
ଗୁରୁ ଗୁରୁଜନ ଓଳଗି କରିଣ
ଲଭନ୍ତି ଶୁଭ ଆଶିଷ।
ସଞ୍ଜ ପହରରେ କୁଆଁରୀଏ ମିଳି
ଚାନ୍ଦକୁ ପୂଜା କରନ୍ତି
ଫୁଲ ବଉଳବେଣୀ ଗୀତ ଗାଇ ଗାଇ
ସବୁରି ମନ ତୋଷନ୍ତି।
ବାରଟି ମାସରେ ତେରଟି ପରବ
ଓଡ଼ିଆର ପରିବାରେ
ଭେଦଭାବ ଭୁଲି ଏକାଠି ଚଳିଲେ
ରହିବା ସୁଖ ଶାନ୍ତିରେ।

– ଡ. ଶରତ କୁମାର ଚଉଁରୀ
ଟିଚର୍ସ କଲୋନି, ପିପିଲି, ପୁରୀ
ମୋ: ୯୪୩୭୫୫୧୨୦୩

# କବିତା

## ଟିକି ଝରଣା

ଟିକି ଝରଣାରେ ଟିକି ଝରଣା
ଶବଦ ତୋହର କି ମନ ଜିଣା,
ତୋ' ପାଇଁ ସୁନ୍ଦର ଏଇ ମରତ
ତୋ' ଶୀତଳ ଜଳ ମଧୁ ଅମୃତ।
କାହିଁ କେତେ ଦୂର ରୁ ବୋହିଯାଉ
କେତେ ଜୀବଙ୍କର ତୃଷ୍ଣା ମେଣ୍ଟାଉ,
ବୃକ୍ଷ ଲତା ରାଜି ତୋର ପରଶେ
ଦିଶନ୍ତି ସବୁଜ ସୁନ୍ଦର ବେଶେ।
ଟିକି ଜୀବନେ ତୋ ବଡ଼ ପରାଣ
ସେଥିପାଇଁ ତୁହି କେଡେ ମହାନ,
ଝରଣା ମାଳିନୀ ଭାରତ ମାଆ
ନଦନଦୀ ଯହିଁ ସୁନା ପାନିଆ।

– ଅମରନାଥ ବାରିକ
ମୋ: ୯୫୪୦୩୦୮୦୯୫

## ପାଣି ଆମ ସମ୍ପଦ

ସଭିଏଁ ଦେଖୁଛ ସଭିଏଁ ଯାଉଛ
ପାଣି ବୋହୁଅଛି ସେମିତି,
ସଡ଼କ କଡର ପାଣି କଳଟାକୁ
କିଏ ଖୋଲିଗଲା ଏମିତି ?
ସରକାରୀ କଳ ଭାବି ଯଦି ଆମେ
ଖୋଲି ଦେବା ପାଣି କଳକୁ,
ବୋହିଯିବା ପାଣି ଆଉକି ଫେରିବ
ସରି ଯାଉଥିବା ନଳକୁ!
ଭୂତଳର ପାଣି ସରି ଆସିଲାଣି
ନଇ ପାଣି ଆମ ଭରସା,
ଋତୁ ବଦଳୁନି ଗଛଲତା ପାଇଁ
ଧରା ଦିଶିଲାଣି ନିରସା।
ଆଜିଠାରୁ ଯଦି ଭାବିବାନି ଆମେ
ପାଣି ଟୋପେ ଆମ ସମ୍ପଦ,
ସେହି ପାଣି ପାଇଁ ସାରା ଜଗତରେ
ଆସିବ ଜାଣିଥା ବିପଦ।

– ତପନ କୁମାର ସ୍ୱାଇଁ
ରାଣୀହାଟ,କଟକ
ମୋ: ୯୦୪୦୦୩୩୩୯୦

## ମୋ ଓଡ଼ିଶା

ମୋ ରାଇଜଟି କେଡେ ସୁନ୍ଦର
ଓଡ଼ିଶା ତାହାର ନାଁ
ତା ପାଣି ପବନ ଲାଗଇ ମିଠା
ଭାରି ଭଲ ତାର ଗାଁ।
ଓଡ଼ିଶା ମୋର ଜନମ ଭୂଇଁ
ତା କୋଳେ ବଢ଼ିଛି ମୁହିଁ
ପୁଣ୍ୟ, ପବିତ୍ର ଜନନୀ ମୋର
ତାକୁ ମୁଁ ଭୁଲିବି ନାହିଁ।
ଗରବେ ମୁଁ କହେ
ଓଡ଼ିଆ ମୋ ଭାଷା ମୁଁ ତ ଓଡ଼ିଆ ପୁଅ
ଜଗତର ନାଥ ପ୍ରଭୁ ଜଗନ୍ନାଥ
ଆମରି ଆରାଧ୍ୟ ଦିଅଁ।
ଆସ ଆସ ମୋର ଭାଇ ଓ ଭଉଣୀ
ଶପଥ ଆମେ ଯେ ନେବା
ଆମ ଭାଷା ଆମ ରାଇଜର
ଟେକ ଆମେ ରଖିଯିବା।

– ଅନୁଲିପ୍ସା ମିଶ୍ର
ମହିଳୋ, ଜଗତସିଂହପୁର
ମୋ: ୯୯୩୮୪୦୦୨୦୫

## କହିଲ ଦେଖି



ଆକାଶ ବୁକୁରେ ଘରଟି ତାର
ଦିଶୁଥାଏ ସିଏ ଭାରିସୁନ୍ଦର
ଦିନ ବିତି ଯେବେ ଆସଇ ରାତି
ଜାଳିଦିଏ ସିଏ ଆଲୋକବତୀ
ଦେଉଥାଏ ସିଏ ଶୀତଳଛୁଆଁ
ପୁନେଇଁରେ ତାର ରୂପ କିମିଆଁ
ଉ– ଜହ୍ନ



ରହିଥାଏ ସିଏ ଘର ଆଗରେ
ପୂଜା ପାଉଥାଏ କେତେ ଆଦରେ।
ତୁଳସୀ ଗଛଟେ ଉପରେ ତାର
ଦେବୀରୂପେ ତା'ର ନାମ ପ୍ରସାର।
ପାଣି ଦିଏ ବୋହୂ ସବୁ ସକାଳେ
ନିତି ସନ୍ଧ୍ୟାବତୀ ସେଇଠି ଜଳେ।
କୁଆଁର ପୁନେଇଁ ଆସିଲେ ଥରେ
ପୂଜା କରୁଥାନ୍ତି ତାହାରି ମୂଳେ।
ଉ– ଚଉରା



ଧୋବ ଫର ଫର ଫୁଲଟି ସିଏ
ଗାଆଁ ପୋଖରୀରେ ସେ ଫୁଟୁଥାଏ।
ଆକାଶ ଛାତିରେ ଉଇଁଲେ ଜହ୍ନ
ଖୁସିରେ ନାଚଇ ତାହାରି ମନ।
ଯିଏ ସେ ପାରିବ ତା ନାମ କହି
ସୁନାପିଲା ନିଶ୍ଚେ ହୋଇବ ସିଏ।
ଉ– କଇଁଫୁଲ



ଗୋଲାକାର ଅଟେ ରୂପଟି ତାର
ଭିତରେ ତାହାର ନଡ଼ିଆ ପୁର
ଭାରି ସୁଆଦିଆ ପିଠାଟେ ସିଏ
ଚାଉଳ ଚୂନାରେ ସେ ଗଢାହୁଏ
ସେହି ପିଠାଟିକୁ ଖାଇଛି ଯିଏ
ନାମଟି ତାହାର କହିଲ ସିଏ ?
ଉ– ମଣ୍ଡାପିଠା

– ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ସତୀଶ ଧାୱନ ରକେଟ୍ ପ୍ରେରଣ କେନ୍ଦ୍ର କେମିତି ହେଲା




ବୈଜ୍ଞାନିକଙ୍କ ଜୀବନୀରୁ

ମାନସବାବୁ ଚନ୍ଦ୍ରୟାନ-୩ର ଜଣେ ଯୁବ ବୈଜ୍ଞାନିକ ଥିଲେ। ଚନ୍ଦ୍ରୟାନ -୩ର ସଫଳତା ପରେ ସେ ନିଜ ଗାଁକୁ ଆସିଥିଲେ। ଗାଁ ଲୋକେ ଏ ସମୟରେ ତାଙ୍କୁ ନିକଟରୁ ପାଇ ଖୁସିରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ସ୍କୁଲ, କଲେଜ ପିଲାମାନେ ତାଙ୍କୁ ଚନ୍ଦ୍ରୟାନ ମିଶନ ସମ୍ପର୍କରେ ଅନେକ ପ୍ରଶ୍ନ ପଚାରିଥିଲେ। ପିଣ୍ଟୁ ପଚାରିଲେ ଭାଇନା! ଶ୍ରୀହରିକୋଟାର ରକେଟ୍ ପ୍ରେରଣ କେନ୍ଦ୍ରର ନାମ ସତୀଶ ଧାୱନ ରକେଟ୍ ପ୍ରେରଣ କେନ୍ଦ୍ର କାହିଁକି ହେଲା? ମାନସ କହିଲେ, ସତୀଶ ଧାୱନ ଆମ ଦେଶର ଜଣେ ବିଶିଷ୍ଟ ବୈଜ୍ଞାନିକ ଥିଲେ। ତାଙ୍କର ଜନ୍ମ ୧୯୨୦ ସେପ୍ଟେମ୍ବର ୨୫ ତାରିଖରେ ଶ୍ରୀନଗରର ଗୋଟିଏ ପଞ୍ଜାବୀ ପରିବାରରେ ହୋଇଥିଲା। ତାଙ୍କ ବାପା ଇସ୍‌ନାମୀ ଖାନ୍ ଜଣେ ବିଚାରପତି ଥିଲେ। ସତୀଶ ଧାୱନ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ପରବର୍ତ୍ତୀ ଶିକ୍ଷା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଚାଲିଗଲେ। ସେଠାରେ ସେ ଗଣିତ ଶାସ୍ତ୍ର, ପଦାର୍ଥ ବିଜ୍ଞାନ ଓ ଯନ୍ତ୍ର ବିଜ୍ଞାନରେ ଉଚ୍ଚତର ଶିକ୍ଷା ଲାଭ କଲେ। ସେ ଏରୋନେଟିକ୍ସ ଇଞ୍ଜିନିୟରରେ ପି.ଏଚ.ଡ଼ି ପାଇଲେ। ଦେଶ ବିଭାଜନ ପରେ ପାକିସ୍ତାନ ଛାଡି ଭାରତ ଆସିଗଲେ। କଲେଜ ପଢ଼ିବା ଛାତ୍ର ମୁନା ପଚାରିଲେ, ଭାଇନା, ମୁଁ ଶୁଣିଥିଲି ସତୀଶ ଧାୱନ ବାଙ୍ଗାଲୋରସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାରେ ଅଧ୍ୟାପକ ଥିଲେ। ମାନସ କହିଲେ ତୁମେ ଠିକ୍ ଶୁଣିଛ। ୧୯୫୧ରେ ସତୀଶ ଧାୱନ ଏରୋନେଟିକ୍ସ ବିଭାଗର ଅଧ୍ୟାପକ ରହି ଗବେଷଣା କାମ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୨ରେ ଭାରତ ବିଜ୍ଞାନ ସଂସ୍ଥାର ନିର୍ଦ୍ଦେଶକ ହୋଇ ପାରିଥିଲେ। ପୁଣି ୧୯୭୨ରେ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ମଧ୍ୟ ନିର୍ଦ୍ଦେଶକ ହେଲେ। ତାଙ୍କ ଗାଁର ଆଉ ଜଣେ କଲେଜ ଛାତ୍ରୀ ପିଙ୍କି ପଚାରିଲେ, ଭାଇନା, ଆମ ସାର୍ କହୁଥିଲେ ଆମର ପ୍ରାକ୍ତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବ୍‌ଦୁଲ କଲାମ ତାଙ୍କ ଅଧୀନରେ ଗବେଷଣା କରୁଥିଲେ ।




ମାନସ କହିଲେ ସତ କଥା ସତୀଶ ଧାୱନ ୧୯୭୨ଠାରୁ ୧୯୮୪ ପର୍ଯ୍ୟନ୍ତ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଭାବେ ନିଜର କାର୍ଯ୍ୟକୁ ଦକ୍ଷତାର ସହିତ ସମ୍ପାଦନ କରିଥିଲେ। ସେ ଅନେକ କୃତ୍ରିମ ଉପଗ୍ରହ ଇନ୍‌ସାଟ୍, ଆଇ.ଆର.ଏସ.ପି.ଏସ୍.ଏଲ.ଭି ଆଦିକୁ ନେଇ ଗବେଷଣା କରୁଥିଲେ। ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ୧୯୭୧ରୁ ୧୯୭୨ ପର୍ଯ୍ୟନ୍ତ ଅତିଥି ପ୍ରଫେସର ଭାବେ ନିଯୁକ୍ତି ପାଇଥିଲେ। ସେ ମଧ୍ୟ ଇଣ୍ଡିଆନ ଏକାଡେମୀ ଅଫ୍ ସାଇନ୍ସର ସଭାପତି (୧୯୭୭-୧୯୭୯) ଥିଲେ। ସେ ପୁଣି ବାଙ୍ଗାଲୋରସ୍ଥିତ ନ୍ୟାଶନାଲ ଏରୋସ୍ପେସ ଲାବୋରେଟୋରିର ଅଧ୍ୟକ୍ଷ (୧୯୮୩-୧୯୮୪) ଥିଲେ। ତାଙ୍କ ପତ୍ନୀଙ୍କ ନାମ ଥିଲା ନଳିନୀ ଧାୱନ। ମାନସ ବାବୁ କହିଲେ, ପିଲାମାନେ, ଆମ୍ଭମାନଙ୍କ ପାଇଁ ଗୋଟିଏ ଗର୍ବର ବିଷୟ ଯେ ସତୀଶ ଧାୱନ ୧୯୭୨ରୁ ୨୦୦୨ପର୍ଯ୍ୟନ୍ତ ଇଣ୍ଡିଆନ ସ୍ପେସ୍ କମିଶନ(ଆଇ.ଏସ.ସି.)ର ଅଧ୍ୟକ୍ଷ ଥିଲେ।

ପୁଣି ପିଙ୍କି ପଚାରିଲେ ଭାଇନା, ଆମ ଦେଶରେ ଭଲ ଭଲ କାମ କଲେ ବଡ଼ ବଡ଼ ଉପାଧି ଓ ସମ୍ମାନ ମିଳିଥାଏ। ସେଭଳି କି ସମ୍ମାନ ଧାୱନ ସାର୍‌ଙ୍କୁ ପ୍ରଦାନ କରାଯାଇଥିଲା ? ମାନସ କହିଲେ, ତୁମେ ଠିକ୍ ପ୍ରଶ୍ନ ପଚାରିଛ । ତାଙ୍କୁ ୧୯୭୧ରେ ଭାରତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମଭୂଷଣ' ଏବଂ ୧୯୮୧ରେ 'ପଦ୍ମବିଭୂଷଣ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କର କର୍ତ୍ତବ୍ୟନିଷ୍ଠ ଓ ଅଧ୍ୟବସାୟ ଯୋଗୁ ଦେଶ ବିଦେଶରୁ ବହୁ ଯୁବ ବୈଜ୍ଞାନିକ ତାଙ୍କ ନିକଟକୁ ଆସୁଥିଲେ। ସେତେବେଳେ ଭାରତୀୟ ମହାକାଶ କେନ୍ଦ୍ରର ମୁଖ୍ୟ ଥିଲେ ବିକ୍ରମ ସରାଭାଇ। ତାଙ୍କର ମୃତ୍ୟୁ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅନୁରୋଧ କ୍ରମେ ପ୍ରଫେସର ସତୀଶ ଧାୱନ ଇସ୍ରୋର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିଲେ। ଭାରତ ଗଠନରେ ତାଙ୍କର ଏହି ଯୋଗଦାନ ପାଇଁ ତାଙ୍କୁ ୧୯୯୯ ମସିହାରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କର ମୃତ୍ୟୁ ୨୦୦୨ ଜାନୁୟାରୀ ୩ ତାରିଖରେ ବାଙ୍ଗାଲୋରଠାରେ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ଉପଗ୍ରହ କ୍ଷେପଣାସ୍ତ୍ର କେନ୍ଦ୍ର ଆନ୍ଧ୍ରର ଶ୍ରୀହରିକୋଟାକୁ 'ସତୀଶ ଧାୱନ କ୍ଷେପଣାସ୍ତ୍ର କେନ୍ଦ୍ର' ନାମରେ ନାମିତ କରାଗଲା। ପଞ୍ଜାବର ରୋପାର ଆଇଆଇଟିର ମେକାନିକାଲ ଇଞ୍ଜିନିୟର କୋଠାକୁ ସତୀଶ ଧାୱନଙ୍କ ନାମରେ ନାମିତ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଟେକ୍ସଟାଇଲ ଟେକ୍ନୋଲୋଜି ପ୍ରତିଷ୍ଠାନର ନାମ ମଧ୍ୟ ସତୀଶ ଧାୱନଙ୍କ ନାମରେ ନାମିତ କରାଯାଇଅଛି।

ତେଣୁ ଭାଇ ଭଉଣୀମାନେ ତୁମେମାନେ ପୂର୍ବରୁ ଯାହା ବିଷୟରେ ଶୁଣିଥିବ ଅର୍ଥାତ୍ ମଙ୍ଗଳଯାନ, ଚନ୍ଦ୍ରୟାନ-୧, ଚନ୍ଦ୍ରୟାନ-୨, ଚନ୍ଦ୍ରୟାନ-୩, ସୂର୍ଯ୍ୟ ଅଭିମୁଖେ ପ୍ରେରିତ ଯାନ ଆଦିତ୍ୟ L-1 ଓ ଗଗନାୟନ ଏସବୁ ସେହି ସତୀଶ ଧାବନ କେନ୍ଦ୍ରରୁ ହିଁ ଛଡାଯାଉଛି। ଆଉଥରେ ଗାଁକୁ ଆସିଲେ ମହାକାଶ ସମ୍ପର୍କରେ ଆହୁରି ନୂଆ ନୂଆ କଥା କହିବି ।

**-ବିନୋଦ ଚନ୍ଦ୍ର ଜେନା**,ଭିକ୍ଟୋରୀ କଲୋନୀ,ପାରଳାଖେମୁଣ୍ଡି,ଗଜପତି
ମୋ : ୭୭୩୫୨୨୨୭୧୩

## ଏରୋପ୍ଲେନର ଝରକା କାହିଁକି ଗୋଲାକାର



ଆପଣ ଯେତେବେଳେ ବି ଉଡ଼ାଜାହାଜ ବା ଏରୋପ୍ଲେନରେ ଯାତ୍ରା କରୁଥିବେ ଏହାର ଆକାର, ରଙ୍ଗ ଉପରେ ନିଶ୍ଚିତ ଧ୍ୟାନ ଦେଇଥିବେ। କିନ୍ତୁ ଦେଖିବେ ଝରକା (ୱିଣ୍ଡୋ) ଆକାର ଅନେକାଂଶରେ ଗୋଲାକାର। ଏହା ପଛରେ ମଧ୍ୟ ଏକ କାରଣ ରହିଛି। ଏରୋପ୍ଲେନ୍ ଯେତେବେଳେ ଆକାଶରେ ଉଡୁଥାଏ ସେତେବେଳେ ବାୟୁର ଚାପ କିପରି ଏହା ଉପରେ ନ ପଡିବ ତାହାର ବ୍ୟବସ୍ଥା କରାଯାଇଛି। ଏଭଳି ଝରକାରେ ପବନ ମାଡ ହେଲେ ତାହାର ପ୍ରଭାବ ଏରୋପ୍ଲେନ୍ ଉପରେ ପଡି ନ ଥାଏ। ଅନ୍ୟପକ୍ଷରେ ଝରକା ଆକାର ଗୋଲାକାର ହୋଇଥିବାରୁ ଏରୋପ୍ଲେନ ଯେତେ ଉଚ୍ଚତାକୁ ଯିବ ପବନର ଗତି ଯେତେ ଅଧିକ ହେଲେ ମଧ୍ୟ ଏହାର ପ୍ରଭାବ ଏରୋପ୍ଲେନ୍ ଉପରେ ପଡ଼ିବ ନାହିଁ। ଏପରିକି ଦୁର୍ଘଟଣାରେ ଏଭଳି ଝରକା କମ୍ କ୍ଷତିଗ୍ରସ୍ତ ହୋଇଥାଏ। ଅନେକ ବର୍ଷ ପୂର୍ବେ ଉଡ଼ାଜାହାଜ ଝରକାର ଆକାର ଗୋଲାକାର ନ ଥିଲା। ସେଗୁଡିକ ଚତୁର୍ଭୁଜ ଆକାରରେ ଥିଲା। ଏଥିଲାଗି ପ୍ଲେନଗୁଡିକର ସ୍ପିଡ୍ କମ୍ ଥିବା ସହ ଏହା କମ୍ ଉଚ୍ଚତାରେ ମଧ୍ୟ ଉଡୁଥିଲା। କିନ୍ତୁ ଏବେ ଏରୋପ୍ଲେନ୍ ବହୁତ ଉଚ୍ଚରେ ଉଡୁଥିବାରୁ ଏହାର ଝରକାଗୁଡିକୁ ଗୋଲାକାର କରାଯାଇଛି।

## ବଡ଼ ପକୁଡ଼ି




ସାଧାରଣତଃ ବର୍ଷାଦିନେ ଏବଂ ଶୀତଦିନେ ପକୁଡ଼ିର ଚାହିଦା ଟିକେ ଅଧିକ। ଦେଖିବାକୁ ଗଲେ ଗୋଟିଏ ପକୁଡିର ଓଜନ ବହୁତ କମ ହୋଇଥାଏ। ହେଲେ ଦିଲ୍ଲୀରେ ଏଭଳି ଏକ ଦୋକାନ ରହିଛି ଯାହାକୁ ବିଶ୍ୱର ସବୁଠାରୁ ବଡ଼ ପକୁଡି ଭାବରେ ଗ୍ରହଣ କରାଯାଇଛି। ଏହାର ମଧ୍ୟ ନାମକରଣ କରାଯାଇଛି। ତାହା ହେଲା 'ସରଳା ଆଳୁ ପକୁଡି'। ଏହାର ଓଜନ ପାଖାପାଖି ୬୫୦ଗ୍ରାମ୍। ଏହି ପକୁଡିକୁ ତିନି ଜଣ ବ୍ୟକ୍ତି ଆରାମରେ ଖାଇପାରିବେ। ଦିଲ୍ଲୀର କରୋଲବାଗ ମେଟ୍ରୋ ରେଲୱେ ଷ୍ଟେଶନ୍ ନିକଟରେ ଏକ ପ୍ରସିଦ୍ଧ ତଥା ପୁରୁଣା ରେଷ୍ଟୁରାଣ୍ଟ ରହିଛି। ଏଠାରେ ଏଭଳି ପକୁଡି ସବୁଦିନ ପ୍ରସ୍ତୁତ କରାଯାଏ। ୫୦ ବର୍ଷ ପୁରୁଣା ଏହି ରେଷ୍ଟୁରାଣ୍ଟର ଆଉ ଏକ ବିଶେଷତ୍ୱ ରହିଛି। ଏଠାରେ ଆଳୁ, କୋବି, ପିଆଜ, ବାଇଗଣ, ପନିର ଏବଂ ପାଳଙ୍ଗ ସହିତ ପ୍ରାୟ ୨୦ ପ୍ରକାରର ପକୁଡି ତିଆରି କରାଯାଏ ଏବଂ ସେଗୁଡିକର ଚାହିଦା ମଧ୍ୟ ରହିଛି। ଏହି ରେଷ୍ଟୁରାଣ୍ଟଟି ସକାଳ ୯ରୁ ରାତି ୯ ପର୍ଯ୍ୟନ୍ତ ଖୋଲାରୁହେ।

# ଆ ଇ ନା

ଆରାଧ୍ୟା ଜେନା
୪ ବର୍ଷ, ବ୍ରହ୍ମପୁର



ଚୌଧୁରୀ ଶ୍ରେୟାସ୍ ଦାସ
୧୦ ବର୍ଷ, କଟକ

